# NATIONAL NEWS BULLETIN (ODIA)

## 11th April - 2024

## Morning Bulletin : 7.15 a.m.

***********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତ ବିଶ୍ୱସ୍ତରୀୟ ସାମଗ୍ରୀଗୁଡ଼ିକୁ ସୁଲଭ ମୂଲ୍ୟରେ ଉତ୍ପାଦନ କରିପାରିବାର ସାମର୍ଥ୍ୟ ରଖିଥିବାରୁ ବର୍ତ୍ତମାନ ସମଗ୍ର ବିଶ୍ୱର ଆସ୍ଥାଭାଜନ ହୋଇପାରିଛି ।

- ପଶ୍ଚିମବଙ୍ଗର ସନ୍ଦେଶଖାଲି ଘଟଣାର ସି.ବି.ଆଇ. ତଦନ୍ତ ଲାଗି କୋଲ୍‌କାତା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

- ପବିତ୍ର ଇଦ୍-ଉଲ୍-ଫିତର୍ ପର୍ବ ଆଜି ଦେଶବ୍ୟାପୀ ପାଳନ କରାଯାଉଛି ।

— ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଏବଂ

- ଆଇ.ପି.ଏଲ୍. କ୍ରିକେଟରେ ଗତକାଲି ଗୁଜରାଟ୍ ଟାଇଟନ୍ସ’ ରାଜସ୍ଥାନ ରୟାଲ୍ସକୁ ୩ ୱିକେଟ୍‌ରେ ପରାସ୍ତ କରିଛି ।

— ଆଜି ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହେବ ମୁକାବିଲା ।

## ପି.ଏମ୍. - ଇଣ୍ଟରଭ୍ୟୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତ ବିଶ୍ୱସ୍ତରୀୟ ସାମଗ୍ରୀଗୁଡ଼ିକୁ ସୁଲଭ ମୂଲ୍ୟରେ ଉତ୍ପାଦନ କରିପାରିବାର ସାମର୍ଥ୍ୟ ରଖିଥିବାରୁ ବର୍ତ୍ତମାନ ସମଗ୍ର ବିଶ୍ୱର ଆସ୍ଥାଭାଜନ ହୋଇପାରିଛି । ଯୁକ୍ତରାଷ୍ଟ୍ରର ଏକ ପତ୍ରିକାକୁ ସାକ୍ଷାତ୍‌କାର ଦେଇ ଶ୍ରୀ ମୋଦି ଏହା କହିଛନ୍ତି । ସେ କହିଛନ୍ତି, ଏକ ବିଶ୍ୱସ୍ତ ତଥା ନିରନ୍ତର ଯୋଗାଣ ଶୃଙ୍ଖଳ ବଜାୟ ରଖିବା ଲାଗି ଭାରତ ବର୍ତ୍ତମାନ ବିଶ୍ୱର ଉପଯୁକ୍ତ ସ୍ଥାନ । ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଲାଗି ଗତ ୧୦ ବର୍ଷ ମଧ୍ୟରେ ଭାରତ ବିଶ୍ୱର ସର୍ବବୃହତ୍ ଅର୍ଥ ବ୍ୟବସ୍ଥା ତାଲିକାର ଏକାଦଶ ସ୍ଥାନରୁ ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇପାରିଛି । ତେବେ ଆଗାମୀ ଦିନରେ ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥା ରୂପେ ପରିଣତ ହୋଇପାରିବ ବୋଲି ଦେଶବାସୀ ଆଶାବାଦୀ ଅଛନ୍ତି । ବର୍ତ୍ତମାନ ଭାରତ ମହାକାଶ, କୃତ୍ରିମ ବୁଦ୍ଧିମତ୍ତା, ସବୁଜ ଶକ୍ତି, ସେମି-କଣ୍ଡକ୍ଟର

ଭଳି କ୍ଷେତ୍ରଗୁଡ଼ିକ ଉପରେ ସର୍ବାଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ବୋଲି ଶ୍ରୀ ମୋଦି କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଭାରତ ବିଶ୍ୱର ସର୍ବାଧିକ ଦାରିଦ୍ର୍ୟ ଦୂରୀକରଣ ଅଭିଯାନ ସଫଳତାର ସହ କାର୍ଯ୍ୟକାରୀ କରି ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଆଣିପାରିଛି । ବର୍ତ୍ତମାନର କେନ୍ଦ୍ର ସରକାର ଦେଶର କୌଣସି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବା ଅଞ୍ଚଳ ଲାଗି କାର୍ଯ୍ୟ କରୁ ନାହାନ୍ତି; ବରଂ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଦେଶର କୋଣ  ଅନୁକୋଣରେ ପ୍ରତ୍ୟେକ ନାଗରିକଙ୍କ ନିକଟରେ ଯେଭଳି ସମସ୍ତ କଲ୍ୟାଣକାରୀ ଯୋଜନାର ସୁଫଳ ପହଞ୍ଚିପାରିବ, ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେଇଛନ୍ତି । ତାଙ୍କ ସରକାର "ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଓ ସବ୍ କା ପ୍ରୟାସ" ବାର୍ତ୍ତା ସହ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମତବ୍ୟକ୍ତ କରିଛନ୍ତି ।

## କୋଲ୍‌କାତା - ଏଚ୍.ସି. - ସନ୍ଦେଶଖାଲି

ପଶ୍ଚିମବଙ୍ଗର ସନ୍ଦେଶଖାଲି ଘଟଣାର ସି.ବି.ଆଇ. ତଦନ୍ତ ଲାଗି କୋଲ୍‌କାତା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଟି.ଏସ୍. ସିଭାଗ୍'ନନମ୍ ଏବଂ ବିଚାରପତି ହିରଣ୍ମୟ ଭଟ୍ଟାଚାର୍ଯ୍ୟଙ୍କ ଡିଭିଜନ୍ ବେଞ୍ଚ ଏହି ନିର୍ଦ୍ଦେଶ ଦେଇଛନ୍ତି । ସନ୍ଦେଶଖାଲି ଘଟଣା ସମ୍ପର୍କରେ ସମସ୍ତ ମାମଲା

ଲାଗି ଗତ ଗୁରୁବାର ଦିନ ଅଦାଲତରେ ଶୁଣାଣି ହୋଇଥିଲା । ଶୁଣାଣି ପରେ ହାଇକୋର୍ଟ ଏଥିଲାଗି ଏକ ଇ-ମେଲ୍ ଆଇ.ଡି. ପ୍ରସ୍ତୁତ କରିବା ସହ ଏହାକୁ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରସାର କରିବା ଲାଗି ସି.ବି.ଆଇ.କୁ ଗତକାଲି ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଉତ୍ତର ୨୪ ପ୍ରଗନାର ଜିଲ୍ଲା ମାଜିଷ୍ଟ୍ରେଟ୍ ଏହି ଇ-ମେଲ୍ ଆଇ.ଡି.କୁ ସର୍ବାଧିକ ପ୍ରସାର କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାଲାଗି ଅଦାଲତ କହିଛନ୍ତି । ଆଗାମୀ ୧୫ ଦିନ ମଧ୍ୟରେ ସମସ୍ତ ପକ୍ଷର ବିଭିନ୍ନ ଅଭିଯୋଗ ସି.ବି.ଆଇ. ନିକଟରେ ଦାଖଲ କରିବାପାଇଁ ମଧ୍ୟ ହାଇକୋର୍ଟ କହିଛନ୍ତି ।

ସନ୍ଦେଶଖାଲିରେ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଅଭିଯୋଗ ସହିତ ଜମି ହଡ଼ପ ପ୍ରସଙ୍ଗ ଏବଂ ବେଆଇନ ଭାବେ ଚାଷ'ଜମିଗୁଡ଼ିକୁ ମତ୍ସ୍ୟଚାଷ ପାଇଁ ରୂପାନ୍ତରିତ କରିବା ଘଟଣାର ତଦନ୍ତ ସି.ବି.ଆଇ. କରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏହି ଘଟଣାରେ ଅଭିଯୋଗକାରୀମାନଙ୍କର ନାମକୁ ଗୋପନ ରଖିବା ଲାଗି ଅଦାଲତ ସି.ବି.ଆଇ.କୁ କହିଛନ୍ତି । ସନ୍ଦେଶଖାଲିର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ସି.ସି.ଟି.ଭି. କ୍ୟାମେରା ଓ ଏଲ୍.ଇ.ଡି. ବଲ୍ବ ଲଗାଇବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ସି.ସି.ଟି.ଭି. କ୍ୟାମେରା ଏବଂ ଏଲ୍.ଇ.ଡି. ବଲ୍ବର ଖର୍ଚ୍ଚ ସହିତ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ ସରକାର ବହନ କରିବେ ବୋଲି ହାଇକୋର୍ଟ କହିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ମଇ ମାସ ୨ ତାରିଖକୁ ଅଦାଲତ ଧାର୍ଯ୍ୟ କରିଛନ୍ତି । ପୂର୍ବରୁ ସନ୍ଦେଶଖାଲିଠାରେ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଏକ ଟିମ୍ ଉପରେ ହୋଇଥିବା ଆକ୍ରମଣର ତଦନ୍ତ ଦାୟିତ୍ୱ ମଧ୍ୟ ସି.ବି.ଆଇ.କୁ ହସ୍ତାନ୍ତର କରାଯାଇଛି ।

## ପି.ଏମ୍. - ଉତ୍ତରାଖଣ୍ଡ ଭିଜିଟ

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଉତ୍ତରାଖଣ୍ଡ ଗସ୍ତ କରି ଋଷିକେଶଠାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଘର୍‌ୱାଲ୍ ଡିଭିଜନ ଅନ୍ତର୍ଗତ ତେହ୍‌ରୀ, ହରିଦ୍ୱାର ଓ ପାଉରି ସଂସଦୀୟ ନିର୍ବାଚନ ମଣ୍ଡଳିରେ ବି.ଜେ.ପି. ପ୍ରାର୍ଥୀଙ୍କ ଲାଗି ଶ୍ରୀ ମୋଦି ପ୍ରଚାର କରିବେ । ଉତ୍ତରାଖଣ୍ଡର ୫ଟିଯାକ ଲୋକସଭା ଆସନ ଲାଗି ଆଗାମୀ ୧୯ ତାରିଖ ଦିନ ମତଦାନ ଅନୁଷ୍ଠିତ ହେବ ।

## ପି.ଏମ୍. ର୍‍ୟାଲି ରାମ୍‌ଟେକ୍

ଜମ୍ମୁ-କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦ କରାଯିବା ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେଇ ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହାଦ୍ୱରା ଏନ୍.ଡି.ଏ. ସରକାର “ଏକ ଦେଶ, ଏକ ସମ୍ବିଧାନ” ଭାବନାକୁ ଉଚିତ ମାର୍ଗରେ କାର୍ଯ୍ୟକାରୀ କରିପାରିଛି । ଗତକାଲି

ବିଦର୍ଭର ରାମ୍‌ଟେକ୍‌ଠାରେ ଆୟୋଜିତ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ମୋଦି ରାମ୍‌ଟେକ୍ ଓ ନାଗପୁର ଲୋକସଭା ଆସନ ଲାଗି ପ୍ରତିଯୋଗିତା କରୁଥିବା ମହାୟୁତି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ଅବସରରେ କହିଛନ୍ତି, ସମାଜରେ ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗ ଲୋକଙ୍କର ବିକାଶ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ସଂସ୍କାରମୂଳକ ତଥା ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯାଇଛି ।

ଶ୍ରୀ ମୋଦି କହିଛନ୍ତି, ଚଳିତ ବର୍ଷ ରାମନବମୀ ଦିନ ଭଗବାନ୍ ରାମଚନ୍ଦ୍ର ଅଯୋଧ୍ୟାଠାରେ ବହୁ ବର୍ଷ ପରେ ନିଜ ମନ୍ଦିରରୁ ଭକ୍ତଙ୍କୁ ଦର୍ଶନ ଦେବେ । ୫୦୦ ବର୍ଷ ପରେ ଭଗବାନ୍ ରାମଚନ୍ଦ୍ର ଅଯୋଧ୍ୟାରେ ନିଜ ଘରକୁ ଫେରିଛନ୍ତି ଏବଂ ଏହା ରାମ୍‌ଟେକ୍ ସମେତ ସମଗ୍ର ଦେଶପାଇଁ ଏକ ଖୁସିର ମୁହୂର୍ତ୍ତ ।

ବିରୋଧୀ କଂଗ୍ରେସ ଦଳକୁ ସମାଲୋଚନା କରି ଶ୍ରୀ ମୋଦି କହିଛନ୍ତି, ଭାରତୀୟ ସମ୍ବିଧାନର ପ୍ରଣେତା ଡକ୍ଟର ବାବାସାହେବ ଆମ୍ବେଦକରଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତରତ୍ନରେ ସମ୍ମାନିତ କରାଯିବା ପ୍ରସଙ୍ଗକୁ ମଧ୍ୟ ଏହି ଦଳ ବିରୋଧ କରିଥିଲା । ମାତ୍ର ଏନ୍.ଡି.ଏ. ସରକାର ଏହି ପ୍ରସଙ୍ଗକୁ ସମର୍ଥନ କରିବା ସହିତ ଡକ୍ଟର ଆମ୍ବେଦକରଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ପ୍ରଦାନ କରିଥିଲା ।

ଏହି ଅବସରରେ ବି.ଜେ.ପି.ର ବରିଷ୍ଠ ନେତା ତଥା ନାଗପୁର ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କେନ୍ଦ୍ରମନ୍ତ୍ରୀ ନିତୀନ୍ ଗଡ଼କରୀ

ମହାରାଷ୍ଟ୍ରରେ ମହାୟୁତି ସହ ମେଣ୍ଟ ହେବାଦ୍ୱାରା ବିଦର୍ଭର ୧୦ଟିଯାକ ଲୋକସଭା ଆସନ ଏନ୍.ଡି.ଏ. ସପକ୍ଷରେ ଯିବ ବୋଲି ଆଶାବ୍ୟକ୍ତ କରିଛନ୍ତି । ଆସନ୍ତା ୧୯ ତାରିଖ ଦିନ ପୂର୍ବାଞ୍ଚଳ - ବିଦର୍ଭର ନାଗପୁର, ରାମ୍‌ଟେକ୍, ଭାନ୍ଦ୍ରା-ଗୋନ୍ଦିଆ, ଚନ୍ଦ୍ରପୁର, ଓ ଗଡ଼ଚିରୋଲିଠା ସଂସଦୀୟ ଆସନ ଲାଗି ମତଦାନ ଅନୁଷ୍ଠିତ ହେବ ।

## ଇଦ୍

ପବିତ୍ର ରମ୍‌ଜାନ୍ ମାସର ସମାପ୍ତ ଅବସରରେ ଦେଶବ୍ୟାପୀ ଆଜି ଇଦ୍-ଉଲ୍-ଫିତର୍ ପର୍ବ ପାଳନ କରାଯାଉଛି । ଏହି ଅବସରରେ ଦେଶର ବିଭିନ୍ନ ମସ୍‌ଜିଦ୍ ଓ ଇଦ୍‌ଗାଠାରେ ସାମୂହିକ ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି । ଦିଲ୍ଲୀରେ ଜାମା ମସ୍‌ଜିଦ୍, ଫତେପୁର ମସ୍‌ଜିଦ୍ ଓ ସାହିଲ ଇଦ୍‌ଗାଠାରେ ସାମୂହିକ ପ୍ରାର୍ଥନା ସଭା କରାଯିବ ।

ଇଦ୍-ଉଲ୍-ଫିତର୍ ଅବସରରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜ ବାର୍ତ୍ତାରେ ଇଦ୍-ଉଲ୍-ଫିତର୍‌କୁ ପ୍ରେମ ଏବଂ ଭ୍ରାତୃତ୍ୱର ପର୍ବ ଭାବେ ଅଭିହିତ କରିଛନ୍ତି । ଏହାଦ୍ୱାରା ଏକତା ବୃଦ୍ଧି ପାଇବା ସହ ଗରିବ ଲୋକଙ୍କୁ ସାହାଯ୍ୟ ମନୋବୃତ୍ତି ମଧ୍ୟ ଜାଗ୍ରତ ହୋଇଥାଏ । ଏକ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିବା

ସହ ସମାଜର ସମୃଦ୍ଧି ଦିଗରେ ମିଳିତ ଉଦ୍ୟମ କରିବା ଲାଗି ଏହି ପର୍ବ ପ୍ରେରଣା ଦେଇଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି ।

ଉପରାଷ୍ଟ୍ରପତି ଜଗଦ୍ଦୀପ ଧନ୍‌ଖଡ୍ କହିଛନ୍ତି, ଇଦ୍-ଉଲ୍-ଫିତର୍ ପର୍ବ ଆମକୁ ଏକତା, କ୍ଷମା, ଦୟା ଓ ଭ୍ରାତୃଭାବର ମୂଲ୍ୟ ସମ୍ପର୍କରେ ସ୍ମରଣ କରାଇଥାଏ । ଏହି ପର୍ବ ସମସ୍ତଙ୍କ ଜୀବନରେ ସୁଖସମୃଦ୍ଧି ଭରିଦେଉ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପର୍ବ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ଶାନ୍ତି, ଏକତା ଓ ଦୟା ଭାବ ପ୍ରସାର ହେଉ ବୋଲି ପ୍ରାର୍ଥନା କରିଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟରେ ଗତକାଲି ରାତିରେ ଜୟପୁରର ସାୱାଇ ମାନସିଂହ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜରାଟ୍ ଟାଇଟନ୍ସ’ ରାଜସ୍ଥାନ ରୟାଲ୍‌ସକୁ ୩ ୱିକେଟ୍‌ରେ ପରାସ୍ତ କରିଛି । ଗୁଜରାଟ ଟାଇଟନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ରାଜସ୍ଥାନ ରୟାଲ୍‌ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୩ ୱିକେଟ୍ ହରାଇ ୧୯୬ ରନ୍ କରିଥିଲା । ଦଳ ପକ୍ଷରୁ ରିୟାନ୍ ପରାଗ୍ ୪୮ଟି ବଲ୍ ସର୍ବାଧିକ ୭୬ ରନ୍ କରିଥିବାବେଳେ ଅଧିନାୟକ ସଞ୍ଜୁ ସାମ୍‌ସନ୍ ୩୮ ବଲ୍‌ରୁ ୬୮ ରନ୍ କରି ଅପରାଜିତ ଥିଲେ । ଗୁଜରାଟ୍ ଟାଇଟନ୍ସ ପକ୍ଷରୁ ରସିଦ୍ ଖାଁ, ଉମେଶ ଯାଦବ

ଓ ମୋହିତ ଶର୍ମା ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ୧୯୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଟାଇଟନ୍ସ ୭ ୱିକେଟ୍ ହରାଇ ନିର୍ଦ୍ଧାରିତ ୨୦ ଓଭର୍‌ର ଶେଷ ବଲ୍‌ରେ ରସିଦ୍ ଖାଁଙ୍କ ଏକ ଚଉକା ସହିତ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା ।  ଦଳପକ୍ଷରୁ ଅଧିନାୟକ ଶୁଭ୍‌ମନ୍ ଗିଲ୍ ୪୪ ବଲ୍‌ରୁ ସର୍ବାଧିକ ୭୨ ରନ୍ ସଂଗ୍ରହ କରିଥିଲେ । ରସିଦ୍ ଖାଁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ ।

ଆଜି ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମଠାରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

## ବ୍ୟାଡ୍‌ମିଣ୍ଟନ୍

ଚୀନ୍‌ର ନିଙ୍ଗ୍-ବୋ'ଠାରେ ଚାଲିଥିବା ଏସୀୟ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ସିପ୍‌ର ମହିଳା ସିଙ୍ଗଲ୍‌ସ୍ ବର୍ଗରେ ଭାରତର ଦୁଇଥର ଅଲିମ୍ପିକ୍ସ ପଦକ ବିଜେତା ପି.ଭି. ସିନ୍ଧୁ ପ୍ରି-କ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି । ସେ ମାଲେସିଆର ଗୋ ଜିନ୍ ୱି'ଙ୍କୁ ୧୮-୨୧, ୨୧-୧୪ ଓ ୨୧-୧୯ ସେଟ୍‌ରେ ପରାସ୍ତ କରି ଏହି ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି ।

ପୁରୁଷ ସିଙ୍ଗଲ୍‌ସ ବର୍ଗରେ ଭାରତର ଏଚ୍.ଏସ୍. ପ୍ରଣୟ ଗତକାଲି ଚୀନ୍‌ର ଲୁ ଗୁଆଙ୍ଗ୍ ଜୁ'ଙ୍କୁ ୧୭-୨୧, ୨୩-୨୧ ଓ ୨୩-୨୧ ସେଟ୍‌ରେ ପରାସ୍ତ

କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଆଜି ସେ ତାଇୱାନ୍‌ର ଲିନ୍ ଚୁନ୍ ୟି'ଙ୍କୁ ଭେଟିବେ ।

ଇତିମଧ୍ୟରେ ମହିଳା ଡବଲ୍‌ସ ବର୍ଗରେ ଭାରତର ଅଶ୍ୱିନି ପୋନ୍ନାପା ଓ ତାନିଶା କାଷ୍ଟ୍ରୋ ପ୍ରି-କ୍ୱାର୍ଟର ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଆଜି ଜାପାନ୍‌ର ନାମି ମାତ୍‌ସୁୟାମା ଓ ଚିହାରୁ ସିଦା' ଯୋଡ଼ିଙ୍କ ସହିତ ଭାରତୀୟ ଯୋଡ଼ିଙ୍କର ମୁକାବିଲା ହେବ ।

## ଟେବୁଲ୍ ଟେନିସ୍

ଜର୍ମାନ୍‌ରେ ଚାଲିଥିବା ଫିଡର୍ ଡୁସେଲ୍‌ଡର୍ଫ ବିଶ୍ୱ ଟେବୁଲ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ୍‌ରେ ଭାରତୀୟ ଖେଳାଳି ଯଶସ୍ୱିନୀ ଘୋର୍‌ପାଡ଼େ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ମହିଳା ସିଙ୍ଗଲ୍ସ ରାଉଣ୍ଡ୍‌ରେ ଯଶସ୍ୱିନୀ ଦକ୍ଷିଣ କୋରିଆର ଜି ୟୁନ୍‌ଚାଏ'ଙ୍କୁ ୩-୨ରେ ପରାସ୍ତ କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଦକ୍ଷିଣ କୋରିଆର ଆଉ ଜଣେ ଖେଳାଳି କିମ୍ ହେୟଙ୍ଗ୍'ଙ୍କ ସହିତ ଯଶସ୍ୱିନୀଙ୍କର ମୁକାବିଲା ହେବ ।

*****